# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଢେଙ୍କାନାଳ

ପତ୍ର ସଂଖ୍ୟା ୧୦୭୪ /ସୂ.ଲୋ.ସଂ, ୨୦|୧୨|୨୦୧୯

## ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ

ଢେଙ୍କାନାଳ, ତା ୨୦|୧୨|୨୦୧୯ରିଖ :- ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ବିଧାୟକ ଶ୍ରୀଯୁକ୍ତ ସୁଧୀର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଆଜି ମଧ୍ୟାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇବା ସହ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା ଆରମ୍ଭ କରିଥିଲେ । ଉପ-ନିର୍ଦ୍ଦେଶକ କୃଷି ଶ୍ରୀ ସୁନୀଲ ବେହେରା ନିର୍ବାଚନମଣ୍ଡଳୀରେ କୃଷି ବିଭାଗ ଦ୍ୱାରା କରାଯାଉଥିବା ବିଭିନ୍ନ ଅର୍ଥକାରୀ ଫସଲ, ଚାଷୀମାନଙ୍କୁ ପ୍ରଦାନ କରାଯାଉଥିବା ରିହାତି ଏବଂ ମୁଗ, ବିରି, ସୋରିଷ, ଆଳୁ ଇତ୍ୟାଦି ଚାଷ ସମ୍ପର୍କରେ ଏକ ଚିତ୍ର ଉପସ୍ଥାପନ କରିଥିଲେ । ବିଧାୟକ ଶ୍ରୀଯୁକ୍ତ ସାମଲ ଢେଙ୍କାନାଳ ଓ ଗଣ୍ଡିଆ ବ୍ଲକରେ ଅଧିକ ସୋରିଷ ଚାଷ କରିବା ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ଜୟନ୍ତୀ ବେହେରା ଜିଲ୍ଲାର ଢେଙ୍କାନାଳ ବ୍ଲକରେ ୨୮୮ ଓ ଗଣ୍ଡିଆ ବ୍ଲକରେ ୨୭୦ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି ଏବଂ ସମସ୍ତ କେନ୍ଦ୍ରକୁ ଯୋଜନା ରୂପ କରିବା ପାଇଁ ୨୪୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି ବୋଲି କହିଥିଲେ । ମିଶନଶକ୍ତିକୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଓ ପଞ୍ଜୀକରଣ ତଦାରଖ ସହଯୋଗ ବିବରଣୀ ଦେବାକୁ ବିଧାୟକ ଶ୍ରୀଯୁକ୍ତ ସାମଲ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପ୍ରସନ୍ନ ମଲ୍ଲିକ ଢେଙ୍କାନାଳ ଓ ଗଣ୍ଡିଆ ବ୍ଲକରେ ଭିନ୍ନକ୍ଷମମାନଙ୍କ କଲ୍ୟାଣ ପାଇଁ ଯୋଜନା ୧୦୬ ଗୋଟି ସଫଳତା ମିଳିଛି ବୋଲି କହିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ନିରଞ୍ଜନ ମିଶ୍ରଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ ନେଇ ଅଧିକ ଧ୍ୟାନ ଦେବାକୁ ବିଧାୟକ ଶ୍ରୀଯୁକ୍ତ ସାମଲ ପରାମର୍ଶ ଦେଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ମାନସ ରଞ୍ଜନ ମିଶ୍ର ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ପ୍ରି ମାଟ୍ରିକ ଓ ପୋଷ୍ଟ ମାଟ୍ରିକ ଛାତ୍ରବୃତ୍ତି ଦିଆଯାଉଛି ବୋଲି କହିବା ସହ ସମସ୍ତ ବିଦ୍ୟାଳୟଗୁଡ଼ିକର ମରାମତି ଓ ପୁନର୍ନିର୍ମାଣ କାର୍ଯ୍ୟ ଚାଲିଛି

କରିଥିଲେ । ବିଧାୟକ ଶ୍ରୀଯୁକ୍ତ ସାମଲ କୌଣସି ବାଳକ ଡ୍ରପଆଉଟ୍ ଯେପରି ବାହାରିବେ ନ ହେବା ପାଇଁ ଅଧିକ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ଶ୍ରୀ ବିଦ୍ୟାନନ୍ଦ ସାହୁ ଢେଙ୍କାନାଳ ସଦର ବ୍ଲକରେ ୯ଟି ପ୍ରକଳ୍ପରୁ ୧୬ ଏବଂ ଗନ୍ଦିଆ ବ୍ଲକରେ ୧୨ଟି ପ୍ରକଳ୍ପରୁ ୧୩ଟି ସଂପୂର୍ଣ୍ଣ ହୋଇଛି ଏବଂ ପାନୀୟ ଜଳ ଯୋଗାଣ ପାଇଁ ନଳକୂପ ଖନନର ମଧ୍ୟ ବ୍ୟବସ୍ଥା କରାଯାଇଥିବା କହିଥିଲେ । ପାନୀୟ ଜଳ ସ୍ରୋତ ମିଳୁନଥିବା ସ୍ଥାନମାନଙ୍କରେ ଜଳସ୍ରୋତ ପାଇବା ପାଇଁ ବିଧାୟକ ଶ୍ରୀଯୁକ୍ତ ସାମଲ ସ୍ୱୟଂ ସହଯୋଗ କରିବେ ବୋଲି ବୈଠକରେ ପ୍ରକାଶ କରିଥିଲେ । ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଇଂ ପରିଡ଼ା ଢେଙ୍କାନାଳ ପୌରାଞ୍ଚଳରେ ଥିବା ୨୩ଟି ୱାର୍ଡରେ ପାନୀୟ ଜଳ ଯୋଗାଣ ପାଇଁ ୧୧.୮୬ ଏମ୍.ଏଲ୍. ପାଣି ଆବଶ୍ୟକ ହେଲେ ବର୍ତ୍ତମାନ ୯ ଏମ୍.ଏଲ୍. ଜଳ ଯୋଗାଇଦିଆଯାଉଛି ବୋଲି କହିଥିଲେ । ବିଧାୟକ ଶ୍ରୀଯୁକ୍ତ ସାମଲ ପୌରାଞ୍ଚଳର ଭଗବାନପୁର ଅଞ୍ଚଳର ପାନୀୟ ଜଳ ଯୋଗାଣ ସହ ସମସ୍ତ ସହରାଞ୍ଚଳରେ ପିଇବା ପାଣି ସମସ୍ୟା ଦୂର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷା, ଶିଶୁ ଉନ୍ନୟନ, ଜଳବିଭାଜିକା, ସ୍ୱାସ୍ଥ୍ୟ ଓ ଗୃହ, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ, ଏବଂ ଉଦ୍ୟାନ ବିଭାଗ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଜିଲ୍ଲା ବନ ଅଧିକାରୀ ଶ୍ରୀ କମଳ ପ୍ରସାଦ ଆଗାମୀ ୨୦୧୯-୨୦ ବର୍ଷରେ ଢେଙ୍କାନାଳ ବନାଞ୍ଚଳରେ ୪୫୦୦ ବୃକ୍ଷ ରୋପଣ କରାଯାଇଥିବା ବେଳେ ବ୍ଲକରେ ମଧ୍ୟ ବୃକ୍ଷ ରୋପଣ ସହ କାମ୍ପା କାର୍ଯ୍ୟକ୍ରମରେ ଜଳଭୂମି ଉନ୍ନୟନ କାର୍ଯ୍ୟକ୍ରମ କରାଯାଉଥିବା କହିଥିଲେ । ଜଙ୍ଗଲୀ ହାତୀମାନଙ୍କ ଉପଦ୍ରବରୁ ରକ୍ଷା ପାଇବା ନିମନ୍ତେ ୭୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଖାଇକାଟ ଓ ଫେନ୍ସିଂ କରାଯିବ ବୋଲି କହିଥିଲେ । ବୈଠକରେ ବିଧାନସଭା ନିର୍ବାଚନ ମଣ୍ଡଳୀର ହଜିଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳଙ୍କ ସାଧାରଣ ପରିଚାଳନା ଶ୍ରୀ ରମାକାନ୍ତ ଗୁଡ଼, ଅତିରିକ୍ତ ଏସ୍.ପି. ଶ୍ରୀ [illegible] କୁମାର ସାମଲ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ଶେଷରେ ଯୋଜନା ଉପନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସେଠୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

— x —

ହେମନ୍ତ କୁମାର ନାୟକ
୨୦।୦୨।୨୦୧୯

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ